# Akashvani, Sambalpur

# SAMBALPURI NEWS MORNING BULLETIN

# 25 February 2026 - 6.47- 6.52 am.

---

ବିଧାନ୍‌ସଭା-ବଜେଟ୍ ଆଲୋଚନା ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଲ୍‌ତି ବଜେଟ୍ ଓଡ଼ିଶାର୍ ସାଢ଼େ ୪ କୋଟି ଜନସାଧାରଣ୍‌ଙ୍କର୍ ସପନ୍ ଆଉ ସଂକଳ୍ପର୍ ପ୍ରତିଫଳନ୍ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭା ନ ଗଲାକାଏଲ୍ ୨୦୨୬-୨୭ ଆର୍ଥିକ୍ ବଜେଟ୍‌କେ ନେଇକରି ହେଇଥିବା ସାଧାରଣ୍ ଆଲୋଚନାଥି ଭାଗ୍ ନେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଆଏବା ଆର୍ଥିକ୍ ବଛରେ ଓଡ଼ିଶାର୍ ଅଭିବୃଦ୍ଧି ହାର ୭ ଦଶ୍‌ମିକ୍ ୯ ପ୍ରତିଶତ୍ ରହେବା ।  ରାଜ୍ୟର୍ ଅର୍ଥନୀତିଥି ୮ ପ୍ରତିଶତ୍‌ନୁ ଅଏତ୍‌କା ଅଭିବୃଦ୍ଧି ହେବା । ଭାରତ୍ ଆଉ ଓଡ଼ିଶାର୍ ମୁଣ୍ଡପିଛା ଆୟ ବ୍ୟବଧାନ୍ ଦିନୁ ଦିନ୍‌କେ କମ୍‌ତେଲ୍ ଯାଉଛେ । ଓଡ଼ିଶା ଇହାଦେ ନିବେଶକଙ୍କର୍ ପହେଲା ପସନ୍ଦ୍ ହେଇଛେ । ଖୋବ୍ ଜଲ୍‌ଦି ଓଡ଼ିଶା ପୂର୍ବ ଭାରତ୍‌ର ସବୁନୁ ସମୃଦ୍ଧ ରାଜ୍ୟ ହେବା । ରାଜ୍ୟର୍ ବିକାଶ୍ ଲାଗି ବିରୋଧୀ

ଦଲର୍ ନେତାମାନେ ବିଧାନସଭାକେ ଆସିକରି ସର୍କାର୍ଙ୍କୁ ପରାମର୍ଶ ଦଉନ୍ ବଲି ମୁଖ୍ୟମନ୍ତ୍ରୀ ନିବେଦନ୍ କରିଛନ୍ ।

ବିଧାନ୍ସଭା ମୁଲ୍ତବୀ ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ବିଧାନ୍ସଭା ବଜେଟ୍ ଅଧିବେଶନ୍ର ୭ ନମ୍ବର୍ ଦିନେ ଗଲାକାଏଲ୍ ବାଚସ୍ପତି ସୁରମା ପାଢ଼ୀ ବିଧାନ୍ସଭାକେ ମାର୍ଚ୍ଚ ୯ ତାରିଖ୍ତକ୍ ମୁଲ୍ତବୀ ଘୋଷ୍ନା କରିଛନ୍ । ଇତାର୍ସହେତେ ବଜେଟ୍ ଅଧିବେଶନ୍ର ପହେଲା ଖେପ୍ ଗଲାକାଏଲ୍ ଶେଷ୍ ହେଇଛେ । ଅଧିବେଶନ୍ର ୨ ନମ୍ବର୍ ଖେପ୍ ମାର୍ଚ୍ଚ ୯ ତାରିଖ୍ନୁ ମୁଲ୍ ହେବା । ସେହିଦିନ ଭିନ୍ ଭିନ୍ ଷ୍ଟାଣ୍ଡିଂ କମିଟିର୍ ରିପୋର୍ଟ ଉପସ୍ଥାପନ୍ କରାଯିବା । ମାର୍ଚ୍ଚ ୧୦ ତାରିଖ୍ନୁ ଭିନ୍ ଭିନ୍ ବିଭାଗ୍ର ଖର୍ଚ୍ଚ ଦାବି ଉପ୍ରେ ଆଲୋଚନା ମୁଲ୍ ହେବା । ୩୧ ତାରିଖ୍ ଦିନ ବ୍ୟୟମଞ୍ଜୁରୀ ବିଲ୍ ଉପସ୍ଥାପନ୍ ହେବା । ଇ ଅଧିବେଶନ୍ ଏପ୍ରିଲ୍ ୮ ତାରିଖ୍ତକ୍ ଚାଲ୍ବା ।

ଧାନ୍ଘିନା ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଚଲ୍ତି ଖରିଫ୍ ଋତୁଥି ଏବ୍ତକ୍ ଧାରିଜ୍ ଲକ୍ଷ୍ୟଠାନୁ ୮୦ ପ୍ରତିଶତ୍ ଧାନ୍ ଘିନା ସରିଛେ । ୧୩ ନୁ ଅଏତ୍କା ଜିଲ୍ଲା ନ ଧାରିଜ୍ ଲକ୍ଷ୍ୟର୍ ୯୦ ପ୍ରତିଶତ୍ ଧାନ୍ଘିନା ସରିଛେ । ସାରା ରାଏଜେ ଠିକ୍ ଭାବେ ଧାନ୍ ଘିନା ଚାଲିଛେ । ପଶ୍ଚିମ ଓଡ଼ିଶାର୍ ବଡ଼ଭାଗ ଜିଲ୍ଲା ନ ୯୫ ପ୍ରତିଶତ୍ ଧାନ୍ ଘିନା ସର୍ଲାନ । ସୁବର୍ଣ୍ଣପୁର୍ ଜିଲ୍ଲା ନ ସବୁନୁ ଅଏତ୍କା ୯୮ ପ୍ରତିଶତ୍ ଧାନ୍ ଘିନା ସରିଛେ ବଲି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ତରଫୁ ସୂଚ୍ନା ଦିଆଯାଇଛେ । ବିଭାଗ୍ର ସୂଚ୍ନା ଅନ୍ସାରେ ଆଏଜ୍ତକ୍ ସର୍କାର୍ ଏମ୍ଏସ୍ପି ଆଉ ଇନ୍ପୁଟ୍ ସାହାଜ୍ ବାବ୍ଦେ ୧୩ ଲାଖ୍ ୫ ହଜାର୍ ଚାଷୀଙ୍କୁ ୧ ଲାଖ୍ ୭୨ ହଜାର୍ କୋଟିନୁ ଅଏତ୍କା ଟଙ୍କା ଯୁଗେଇ ଦେଇଛନ୍ । ଗଲାବଛର୍ଠାନୁ ଇ ବଛର୍ ୬୫ ହଜାର୍ ଅଏତ୍କା ଚାଷୀ ମଣ୍ଡି ମାନ୍କେ ଧାନ୍ ବିକିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ବାଜିରାଉତ ଆର୍ଏନ୍ୟୁ/ ସମ୍ବଲପୁର

ଭାରତ୍ର ସବୁନୁ ସାନ୍ ଶହୀଦ୍ ବାଜିରାଉତଙ୍କର୍ ଜନ୍ମ ଶତବାର୍ଷିକୀ ଅବ୍ସରେ ନୂଆଦିଲ୍ଲୀ ନ ଗୁଟେ ଭବ୍ୟ ଜାତୀୟସ୍ତରୀୟ ସ୍ମୃତି

କାର୍ଯ୍ୟକ୍ରମ୍ ଆୟୋଜନ୍ କର୍‌ବାର୍‌କେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍‌ଙ୍କୁ ଚିଠି ଲେଖିକରି ଅନୁରୋଧ୍ କରିଛନ୍ । ଇତାର୍‌ସହେତେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କେତେଟା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ଭିଲ୍ ରଖିଛନ୍ । ଶହୀଦ୍ ବାଜିରାଉତ୍ ସାରା ଭାରତ୍ ଲାଗି ଯୁବ ଦେଶପ୍ରେମର ଗୁଟେ ଅମର ପ୍ରତୀକ ଆନ୍ । ତାଙ୍କର୍ ଜନମ୍ ଶତବାର୍ଷିକୀ ଉତ୍ସବ୍ ବର୍ଷେତକ୍ ପାଲନ୍ କର୍‌ବାର୍ ସହେତେ ଜାତୀୟ ଛାତ୍ର ଆଉ ଯୁବ ସମ୍ମିଳନୀ ଆଉ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ ନ ପ୍ରତିଯୋଗିତାମାନ୍ ଆୟୋଜନ୍ କର୍‌ବାର୍‌କେ ଶ୍ରୀ ପ୍ରଧାନ୍ ଚିଠିଥି ଉଲ୍ଲେଖ୍ କରିଛନ୍ ।

ତୋଷାଳି ମେଳା ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ନ ଚାଲିଥିବା ତୋଷାଳି ମେଳାର ୧୧ ନମ୍ବର୍ ଦିନେ ଗଲାକାଏଲ୍ ସମବାୟ ହସ୍ତତନ୍ତ ଆଉ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ ଯୋଗ୍ ଦେଇକରି କାରିଗର୍ ଆଉ ଶିଳ୍ପୀମାନ୍‌କୁ ତହଁକେଇଥିଲେ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କରିଛନ୍ ।

ବୟନଶିଳ୍ପ ମନ୍ତ୍ରୀ ଭୁବ୍‌ନେଶ୍ୱର୍ ନ ବିଶୋଇ ଟସର ସିଲ୍କ ପାର୍କ୍, ମୟୁର୍‌ଭଞ୍ଜ୍ ନ ୫ ଟା ସୃଜନୀକା ହସ୍ତଶିଳ୍ପ କେନ୍ଦ୍ର ଆଭାସୀ ଜରିଏ ଉଦ୍‌ଘାଟନ୍ କର୍‌ବାର୍ ସହେତେ ଭୁବ୍‌ନେଶ୍ୱର୍ ନ ଗୁଟେ ପ୍ରଶିକ୍ଷାର୍ଥୀ ନିବାସ୍ ଲାଗି ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ ।

ଟେରାକୋଟା କୃତୀ ପ୍ରସ୍ତୁତି ପ୍ରତିଯୋଗିତା ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ କଳାଭୂମି ନ ଗଲାକାଏଲ୍ ହେଇଥିବା ଭବ୍ୟ ଟେରାକୋଟା କୃତୀ ପ୍ରସ୍ତୁତି ପ୍ରତିଯୋଗିତାଥି ୨ ଟା ନୂଆଁ ବିଶ୍ୱରେକର୍ଡ଼ ହେଇଛେ । ଏକାସାଙ୍ଗେ ହଜାରେ ଝନ୍ ମୃତିକା ଶିଳ୍ପୀ ପ୍ରତିଯୋଗିତାଥି ଭାଗ୍ ନେଇକରି ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ଼ ନ ସର୍ବାଧିକ୍ ପ୍ରତିଯୋଗୀ ବର୍ଗଥି ଠାନ୍ ପାଇଛନ୍ । ଇତାର୍‌ସହେତେ ୭ ଝନ୍ ମୃତିକା କାରିଗର୍ ମାଟିର୍ ଗିଲାସ୍ ତିଆର୍ କରିକରି ବିଶ୍ୱ ରେକର୍ଡ଼ କରିଛନ୍ । ବର୍‌ଗଡ୍‌ର ଟେରାକୋଟା ହସ୍ତଶିଳ୍ପ ସେବକ ରଣା ଗୁଟେ ଘଂଟାଥି ୩ ଶହ ୧୦ ଟା ମାଟିର୍ ଗ୍ଲାସ୍ ତିଆର୍ କରିକରି ଆମେରିକାର୍ ରେକର୍ଡ଼ ଭାଙ୍ଗ୍‌ବାର୍ ସହେତେ ୱାର୍ଲ୍ଡ ବୁକ୍

ଅଫ୍ ରେକର୍ଡ଼୍ଥି ଠାନ୍ ପାଇଛନ୍ । ଇଥି ଆହୁରି ୬ ଝନ୍ ପ୍ରତିଯୋଗୀ ଭିଲ୍ ରେକର୍ଡ଼୍ କରିଛନ୍ ।

ପ୍ରମୋଦ୍ ଭଗତ୍- ସମ୍ବର୍ଦ୍ଧନା ଆର୍ଏନ୍ୟୁ/ ସମ୍ବଲପୁର

ବାହାରିନ୍ ନ ହେଇଥିବା ବିଶ୍ୱ ପାରା ବେଡ଼ମିଂଟନ୍ ଚାମ୍ପିଅନ୍ସିପ୍ର ସ୍ୱର୍ଣ୍ଣପଦକ୍ ବିଜେତା ପାରା ଅଲମ୍ପିଆନ୍ ପ୍ରମୋଦ୍ ଭଗତ୍ ଗଲାକାଏଲ୍ ଓଡ଼ିଶା ପୁହୁଁଚିଲା ଉତ୍ରୁ ତାଙ୍କୁ ଭିନ୍ ଭିନ୍ ମହଲ୍ନୁ ସମ୍ବର୍ଦ୍ଧନା ଦିଆଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ ଭୁବ୍ନେଶ୍ୱର୍ ନ ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ୍ କର୍ବାର୍ ସହେତେ ତାଙ୍କର୍ ସଫଲତା ଓଡ଼ିଶାର୍ ଲାଗି ଗୌରବ୍ର ବିଷୟ ଆଏ ବଲି କହିଛନ୍ । ତାର୍ ଆଘୋନୁ ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ କ୍ରୀଡ଼ା ଆଉ ଯୁବବ୍ୟାପାର୍ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଭିଲ୍ ପ୍ରମୋଦ୍ଙ୍କୁ ସମ୍ବର୍ଦ୍ଧିତ୍ କରିଥିଲେ ।

ଆଇନ୍ ସଚେତନତା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଗଲାକାଏଲ୍ ପିତାମାତା ଆଉ ବରିଷ୍ଠ ନାଗରିକଙ୍କର୍ ଭରଣପୋଷଣ ଆଉ କଲ୍ୟାଣ୍ ଆଇନ୍-୨୦୦୭ କେ ନେଇକରି ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ୍ ଡକ୍ଟର୍ ନୃପରାଜ୍ ସାହୁ ଅଧ୍ୟକ୍ଷତା କରିକରି ଆଝିରର୍ ଯୁଆନ୍ ପିଢ଼ି ଆଉ ବରିଷ୍ଠ ନାଗରିକମାନେ ଚିନ୍ତାଧାରାର୍ ଫରକ୍ ହଟେଇକରି ପରସ୍ପର୍‌କେ ଗ୍ରହଣ୍ କଲେ ସବୁ ସମସ୍ୟାର୍ ସମାଧାନ୍ ହେଇପାର୍‌ବା ବଲି କହିଛନ୍ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ କ୍ଷେତ୍ର ପଶ୍ଚିମ-ଉତର୍ ପଶ୍ଚିମ୍ ଦିଗ୍‌କେ ମୁହେଁଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଇଟା ଉତର୍ ପୂର୍ବ ଦିଗ୍‌କେ ଯାଇକରି ଦୁର୍ବଲ୍ ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।